## ୬୦ ହଜାର ଲୁଟ୍ ଘଟଣା, ୩ ଗିରଫ

ବାହାନଗା, (ଡି.ଏନ.ଏ.)-ବାଲେଶ୍ୱର ଜିଲା ବାହାନଗା ବ୍ଲକସ୍ଥିତ ସଦରମହୁକମାରେ ଥିବା ୟୁକୋ ବ୍ୟାଙ୍କରୁ ୬୦ହଜାର ଟଙ୍କା ଉଠାଇ ଜଣେ ଯୁବତୀ ଗତ ମାସ ୨୭ତାରିଖରେ ମୋଟର ସାଇକେଲ ଯୋଗେ ଗୋପାଳପୁରସ୍ଥିତ ଭଡା ଘରକୁ ଆସୁଥିବା ବେଳେ ଷଠୀ ରାସ୍ତାରେ ୩ଜଣ ଯୁବକ ତାଙ୍କୁ ଅଟକାଇ ଟଙ୍କା ଲୁଟି ନେଇଥିଲେ । ଏନେଇ ଖନ୍ତାପଡା ଥାନାରେ ଅଭିଯୋଗ ହୋଇଥିଲା । ଅଭିଯୋଗ ଅନୁଯାୟୀ ଥାନାରେ ଏକ ମାମଲା(ନଂ.୧୪୭/୨୦୨୨) ରୁଜୁ କରାଯାଇଥିଲା । ଲୁଟ୍ ଘଟଣାର ୧୨ଦିନ ପରେ ଥାନା ପୋଲିସ ୩ ଜଣ ଯୁବକଙ୍କୁ ଗିରଫ କରିଛି ।



## ସଂକ୍ଷେପରେ

### ପୋଲ ତଳୁ ଯୁବକଙ୍କ ମୃତଦେହ ଜବତ

ବାରିପଦା ଅଫିସ,୯।୬-ମୟୂରଭଞ୍ଜ ଜିଲା ଶୁଳିଆପଦା ଥାନା ଗୁହାଳଡିହା ଚିଆଁପଦା ଗ୍ରାମ ନିକଟସ୍ଥ ଏକ ପୋଲ ତଳୁ ଜଣେ ଯୁବକଙ୍କ ମୃତଦେହକୁ ପୋଲିସ ଜବତ କରିଛି। ମୃତକ ଜଣକ ହେଲେ ଚିତାଖଳା ଗ୍ରାମର ବୀର କିଶୋର ଚୌଧୁରୀ(୩୪)। ଏ ସଂକ୍ରାନ୍ତରେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିବା ବେଳେ ଶବ ବ୍ୟବଚ୍ଛେଦ ପାଇଁ ବାରିପଦା ପିଆର୍ଏମ୍ ମେଡିକାଲକୁ ପଠାଇଛି। ସୂଚନା ମୁତାବକ, ବାରିପଦା-ବାଘଡ଼ା ମୁଖ୍ୟ ରାସ୍ତାର ଚିଆଁପଦା ପୋଲ ତଳେ ବୀର କିଶୋର ବାଇକ ସହ ପଡ଼ିଥିଲେ। ସ୍ଥାନୀୟ ଲୋକେ ଦେଖି ପୋଲିସକୁ ଖବର ଦେଇଥିଲେ।

### କୂଅରୁ ଉଦ୍ଧାର ହେଲେ ବୃଦ୍ଧ

ବାରିପଦା ଅଫିସ,୯।୬-ମୟୂରଭଞ୍ଜ ଜିଲା ଶୁଳିଆପଦା ଥାନା ଧୋବଣୀ ଗ୍ରାମସ୍ଥିତ ଏକ କୂଅରେ ଖସି ପଡ଼ିଥିବା ଜଣେ ବୃଦ୍ଧଙ୍କୁ ଅଗ୍ନିଶମ ବିଭାଗ କର୍ମଚାରୀମାନେ ଉଦ୍ଧାର କରିଛନ୍ତି। ସେ ହେଲେ ପ୍ରହ୍ଲାଦ ଧଳ(୭୦)। ଗୁରୁବାର ଅସାବଧାନତା ବଶତଃ ସେ ନିଜ ବାଡ଼ି କୂଅରେ ଖସି ପଡ଼ିଥିଲେ। ୩୦ଫୁଟ ତଳେ ପଡ଼ିଥିବା ବୃଦ୍ଧଙ୍କ ଚିତ୍କାର ଶୁଣି ପରିବାର ଲୋକେ ଉଦ୍ଧାର କରିବାକୁ ଚେଷ୍ଟା କରିଥିଲେ ହେଁ ବିଫଳ ହୋଇଥିଲେ। ପରେ ଦମକଳ ବାହିନୀ କର୍ମଚାରୀ ପହଞ୍ଚି ତାଙ୍କୁ ଉଦ୍ଧାର କରି ନିକଟସ୍ଥ କୋଷ୍ଠା ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରିଛନ୍ତି। ବୃଦ୍ଧଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ଥିବା ଡାକ୍ତରଖାନା ସୂତ୍ରରୁ ଜଣାପଡ଼ିଛି।

### ସତସଙ୍ଗ ଆଚାର୍ଯ୍ୟଦେବଙ୍କ ୫୫ତମ ଆବିର୍ଭାବ ଦିବସ

ଯୋଡ଼ା, ୯।୬(ଡି.ଏନ.ଏ.): କେନ୍ଦୁଝର ଜିଲା ଯୋଡ଼ା ସତସଙ୍ଗ ବିହାର ଆନୁକୂଲ୍ୟରେ ଆଚାର୍ଯ୍ୟ ଦେବଙ୍କ ୫୫ତମ ଆବିର୍ଭାବ ଦିବସ ନାମ ସଂକୀର୍ତ୍ତନ ସତସଙ୍ଗ ମାଧ୍ୟମରେ ପାଳିତ ହୋଇଯାଇଛି। ସତସଙ୍ଗର ପ୍ରତିଷ୍ଠାତା ଶ୍ରୀ ଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ଆଚାର୍ଯ୍ୟ ପରମ୍ପରାକୁ ଆଧାର କରି ଅଧୁନା ଆଚାର୍ଯ୍ୟ ଦେବ ଅର୍କଦ୍ୟୁତି ଚକ୍ରବର୍ତ୍ତୀ (ବାବାଇ ଦା) ଗୁରୁବାର ୫୫ ବର୍ଷ ବୟସରେ ପଦାର୍ପଣ କରିଛନ୍ତି। ଏହି ଅବସରରେ ବୁଧବାର ସନ୍ଧ୍ୟା ୭ଟା ୩୦ରେ ଯୋଡ଼ା ସତସଙ୍ଗ ବିହାର ପରିସରରେ ଏକ ନାମ ସଂକୀର୍ତ୍ତନ ସତସଙ୍ଗ ଆୟୋଜନ କରାଯାଇଥିଲା। ଆୟୋଜିତ ସତସଙ୍ଗରେ ଯୋଡ଼ା ସତସଙ୍ଗ ବିହାରର ଇନଚାର୍ଜ ତଥା ସହ ପ୍ରତିଋତିକ ମଦନ ମୋହନ ବାରିକ ଅଧ୍ୟକ୍ଷତା କରିଥିବାବେଳେ ସନ୍ଧ୍ୟା ପ୍ରାର୍ଥନା ପରେ ଭଜନ କୀର୍ତ୍ତନ ଓ ସଦାଲୋଚନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଠାକୁରଙ୍କ ଯାଜକ କର୍ମୀ ଚିନ୍ମୟ ପଟ୍ଟନାୟକ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ ଅଶୋକ କୁମାର ପାଣିଗ୍ରାହୀ ସପ୍ରଋ ଆଚାର୍ଯ୍ୟ ଦେବଙ୍କ ବାଲ୍ୟ କାଳରୁ ଏଯାବତ ବିଭିନ୍ନ ସମୟର ଘଟଣାବଳୀ ଉପରେ ଆଲୋକପାତ କରିଥିଲେ। ଭକ୍ତସମୂହ ଦିନଟି ଏକ ଆନନ୍ଦମୟ ପରିବେଶ ମଧ୍ୟରେ ବିତାଇଥିବାବେଳେ ସତସଙ୍ଗ ପରିଶେଷରେ ଆନନ୍ଦ ବଜାର ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୱର୍ଯ୍ୟୁ କର୍ମୀ କୈଳାସ ଚନ୍ଦ୍ର ଦାସ, ଯାଜକ କର୍ମୀ ହୃଷିକେଶ ବେହେରା, ମନୋଜ କୁମାର ମହାରଣା ଦିଲୀପ ବେହେରା, ଲଛମନ ପାତ୍ର, ଗୁରୁଚରଣ ତାରିଆ କୃଷ୍ଣଚନ୍ଦ୍ର ହୋତା ଓ ଭଗବାନ ଗିରିଙ୍କ ସମେତ ୨୦୦ରୁ ଅଧିକ ଶ୍ରଦ୍ଧାଳୁ ଉପସ୍ଥିତ ରହି ସତସଙ୍ଗକୁ ମନଭରି ଉପଭୋଗ କରିଥିବା ଜଣାପଡ଼ିଛି।

# ବାଲେଶ୍ୱରରେ ବିଗୁଡୁଛି ଆଇନଶୃଙ୍ଖଳା

- ପ୍ରତିବାଦରେ ଏକାଠି ହେଲେ ୬୧ ସଙ୍ଗଠନ
- ଏସ୍‌ପିଙ୍କ ବଦଳି ଦାବି, ୧୬ରେ ବାଲେଶ୍ୱର ବନ୍ଦ

ବାଲେଶ୍ୱର ଅଫିସ, ୯।୬

ବାଲେଶ୍ୱର ଜିଲାରେ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପ୍ରତିବାଦରେ ୬୧ ସଙ୍ଗଠନ ଏକାଠି ହୋଇ ପ୍ରସ୍ତୁତି ବୈଠକ କରିଛନ୍ତି। ଗୁରୁବାର ଏଡିଏମ୍ ଛକସ୍ଥିତ ଏକ ଘରୋଇ ହୋଟେଲ ସମ୍ମିଳନୀ କକ୍ଷରେ ଏସ୍‌ପିଙ୍କ ବଦଳି ଦାବି ସହ ୧୬ରେ ଜିଲାକୁ ବନ୍ଦ ଡାକରା ଦିଆଯାଇ ପୋଲିସ ପ୍ରଶାସନ ବିରୋଧରେ ବିଷୋଦଗାର କରାଯାଇଛି। ଓକିଲ ସଂଘ ଓ ସିଭିଲ ସୋସାଇଟି ଆହ୍ୱାନକ୍ରମେ ସମସ୍ତ ରାଜନୈତିକ ଦଳ, ନିର୍ବାଚିତ ଜନପ୍ରତିନିଧି, ସାମାଜିକ, ସାଂସ୍କୃତିକ ଓ ଗଣସଙ୍ଗଠନମାନଙ୍କର ପ୍ରତିନିଧିମାନେ ବୈଠକରେ ଯୋଗଦେଇଥିଲେ।

ଜିଲା ଓକିଲ ସଂଘ ସଭାପତି ମନୋଜ ନାୟକ ବୈଠକକୁ ସଞ୍ଚାଳନ କରି ଜିଲାରେ ପ୍ରତିଦିନ ଘଟୁଥିବା ଚୋରି, ଛିନ୍‌ତାଇ, ଲୁଟ୍ ଓ ହତ୍ୟା ଭଳି ଅପରାଧ ସମ୍ପର୍କରେ ସୂଚନା ଦେଇଥିଲେ। ପୋଲିସର ନିଷ୍କ୍ରିୟତା ମୁଖ୍ୟତଃ ଜିଲା ଆରକ୍ଷୀ ଅଧୀକ୍ଷକ ସୁଧାଂଶୁ ଶେଖର ମିଶ୍ରଙ୍କ କାର୍ଯ୍ୟକଳାପ ଉପରେ



ପ୍ରସ୍ତୁତି ବୈଠକରେ ବିଭିନ୍ନ ସଙ୍ଗଠନର କର୍ମକର୍ତ୍ତା।

ଅଙ୍ଗୁଳି ଉଠାଇଥିଲେ। ପୋଲିସ କୋର୍ଟରୁ ମିଳିଥିବା ତଥ୍ୟ ମୁତାବକ ମାତ୍ର ୪ମାସ ଭିତରେ ୪୫୦ରୁ ଊର୍ଦ୍ଧ୍ୱ ଆପରାଧିକ ମାମଲା ରୁଜୁ ହୋଇଥିବା ଜଣାପଡ଼ିଥିବା ବେଳେ ୧୫୦ରୁ ଊର୍ଦ୍ଧ୍ୱ ଚୋରି, ଛିନ୍‌ତାଇ ଓ ହତ୍ୟା ମାମଲା ରୁଜୁ ହୋଇଥିବା ପ୍ରକାଶ କରିଥିଲେ। ଯୁବନେତା ବିକ୍ରମ ପଣ୍ଡା ଯୋଗଦେଇ ବାଲେଶ୍ୱରର ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ପାଇଁ ଜିଲାର ଗର୍ବ ଓ ଗୌରବ ନଷ୍ଟ ହେଉଛି ବୋଲି କହିଥିଲେ। ବ୍ୟବସାୟୀ ସଂଘ ସଭାପତି ବିଭୂତି ଭୂଷଣ ପ୍ରଧାନ ଯୋଗଦେଇ ଜିଲାରେ ବିପର୍ଯ୍ୟସ୍ତ ଆଇନବିଶୃଙ୍ଖଳା ବ୍ୟବସାୟ ପାଇଁ ଭୟର ବାତାବରଣ ସୃଷ୍ଟି କରିଥିବା କହିଛନ୍ତି। ନାରୀନେତ୍ରୀ ଶ୍ରଦ୍ଧାଞ୍ଜଳି ରାୟ ଯୋଗଦେଇ ସହରରେ କେହି ସୁରକ୍ଷିତ ନୁହନ୍ତି। ଚୌକି ସୁରକ୍ଷା ପାଇଁ ଆମେ ସବୁ ଚୁପ୍ ରହିବା ଉଚିତ୍ ନୁହେଁ ବୋଲି କହି ଏହାର ପ୍ରତିବାଦ ପାଇଁ ଆହ୍ୱାନ ଦେଇଥିଲେ। ବରିଷ୍ଠ ଆଇନଜୀବୀ ପ୍ରଦୀପ କର ଯୋଗଦେଇ ଆଇନ ବିଶୃଙ୍ଖଳା ପରିସ୍ଥିତିର ଏକ ଉଦାହରଣ ସହ ପୋଲିସ୍‌ର ମନ୍ତବ୍ୟକୁ ଉପସ୍ଥାପନା କରି 'ପୋଲିସ କହୁଛି ଘରେ ସିସି ଟିଭି ଲଗାଅ, ଚୋରମାନଙ୍କର ନାମ କୁହ। ତା' ପରେ ଯାଇ ଆମେମାନେ ଚୋରକୁ ଧରିବାକୁ ଚେଷ୍ଟା କରିବୁ ବୋଲି କହୁଛନ୍ତି।' ସେହିପରି ବରିଷ୍ଠ ନାଗରିକ ସଂଘର ସଭାପତି ଲକ୍ଷ୍ମୀଧର ବେହେରା, ସିଭିଲ୍ ସୋସାଇଟି ସଭାପତି ଅନ୍ତର୍ଯ୍ୟାମୀ ପ୍ରଧାନ ପ୍ରମୁଖ ମଞ୍ଚରେ ଉପସ୍ଥିତ ରହି ପୋଲିସର କାର୍ଯ୍ୟକଳାପ ଉପରେ ଟିପ୍ପଣୀ ରଖିଥିଲେ। ଜିଲାରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ଉପରେ ଜିଲା ଆରକ୍ଷୀ ଅଧୀକ୍ଷକଙ୍କ ବଦଳି ଏକାନ୍ତ ଜରୁରୀ ବୋଲି ସମସ୍ତ ସଙ୍ଗଠନ ପକ୍ଷରୁ ଦୃଢ଼ ଦାବି ହୋଇଥିଲା। ଯଦି ତୁରନ୍ତ ଜିଲା ଆରକ୍ଷୀ ଅଧୀକ୍ଷକଙ୍କ ବଦଳି ନ କରାଯାଏ ଆସନ୍ତା ୧୬ ତାରିଖରେ ବାଲେଶ୍ୱର ବନ୍ଦ ଡାକରା ଦିଆଯାଇଛି।

# ହଷ୍ଟେଲ ପରିଚାଳନାରୁ ଓହରିବେ ଶିକ୍ଷକ

## ଜିଲାପାଳଙ୍କୁ ଲିଖିତ ଜଣାଇଲେ

ବାରିପଦା ଅଫିସ,୯।୬

ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ଏବଂ ସ୍କୁଲ ଓ ଗଣଶିକ୍ଷା ବିଭାଗରେ ଥିବା ଛାତ୍ରୀ ତଥା ଛାତ୍ରାବାସ ପରିଚାଳନା ଦାୟିତ୍ୱରୁ ଶିକ୍ଷକମାନେ ଇସ୍ତଫା ଦେବେ ବୋଲି ସୂଚନା ମିଳିଛି। ଏ ସମ୍ପର୍କିତ ଘୋଷଣାପତ୍ର ସେମାନେ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳ ରୁଦ୍ରନାରାୟଣ ମହାନ୍ତିଙ୍କୁ ପ୍ରଦାନ କରିଛନ୍ତି। ଆଗାମୀ ୧୭ରୁ ପ୍ରଧାନଶିକ୍ଷକ ଏବଂ ସହକାରୀ ଶିକ୍ଷକମାନେ ପରିଚାଳନା ଦାୟିତ୍ୱରୁ ନିବୃତ୍ତ ରହି ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ପରିଚାଳନାର ସମ୍ପୂର୍ଣ୍ଣ ଦାୟିତ୍ୱ ହସ୍ତାନ୍ତର କରିବାକୁ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି। ନିଖିଳ ଉତ୍କଳ କଲ୍ୟାଣ ଶିକ୍ଷକ ସଂଘର ସଭାପତି ଧ୍ରୁବଚରଣ ମୁର୍ମୁ, ସମ୍ପାଦକ ଦିପ୍ତୀକାନ୍ତ ଜେନା, ଉପଦେଷ୍ଟା ଦେବେନ୍ଦ୍ର ପଣ୍ଡା, ରୋହିନ ମହାନ୍ତ, ଜୟନ୍ତ ପାଣିଗ୍ରାହୀ, ପ୍ରଶାନ୍ତ ସାହୁ, ବସନ୍ତ ବେହେରା ଏବଂ ଓଷ୍ଟାର ସଭାପତି ସନ୍ତୋଷ କୁମାର କାସ୍ତ, ଯୁଗ୍ମ ସମ୍ପାଦକ କିଶୋର କୁମାର ଆଚାର୍ଯ୍ୟ, ପ୍ରଧାନଶିକ୍ଷକ ରବୀନ୍ଦ୍ର କୁମାର ସେଠୀଙ୍କୁ ନେଇ ଏକ ପ୍ରତିନିଧିମଣ୍ଡଳ ଅତିରିକ୍ତ ଜିଲାପାଳ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି ।

ବିଭାଗୀୟ ନିର୍ଦ୍ଦେଶନାମା ଅନୁଯାୟୀ ବିଦ୍ୟାଳୟ ନିକଟସ୍ଥ ସ୍ୱୟଂ ସହାୟିକା ଗୋଷ୍ଠୀମାନଙ୍କୁ ଛାତ୍ରାବାସ, ଛାତ୍ରୀ ନିବାସଗୁଡ଼ିକୁ ଖାଦ୍ୟ ସାମଗ୍ରୀ, ପନିପରିବା, ମାଛ, ମାଂସ ଆଦି ଯୋଗାଇବା ପାଇଁ ଆଂଶିକ ଦାୟିତ୍ୱ ଦିଆଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କୁ ଟଙ୍କାକିଆ ଚାଉଳ ଉଠାଣ ଓ ଜାଳେଣି ଯୋଗାଣ ସହ ଅନ୍ତେବାସୀମାନଙ୍କର ସ୍ୱାସ୍ଥ୍ୟ, ସୁରକ୍ଷା ଓ ନିରାପତ୍ତା ଦାୟିତ୍ୱ ଦିଆଯାଇଛି। ଏଣୁ ସ୍ୱୟଂ ସହାୟିକା ଗୋଷ୍ଠୀମାନଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିବାରୁ ମୟୂରଭଞ୍ଜ ନିଖିଳ ଉତ୍କଳ କଲ୍ୟାଣ ଶିକ୍ଷକ ଓ ଶିକ୍ଷା ନିରୀକ୍ଷକ ସଂଘ ଏବଂ ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ(ଓଷ୍ଟା), ମୟୂରଭଞ୍ଜ ଶାଖା ତରଫରୁ ସରକାରଙ୍କ ଏଭଳି ପଦକ୍ଷେପକୁ ପ୍ରଶଂସା ଓ ସ୍ୱାଗତ କରାଯାଇଛି। ମାତ୍ର ବିଦ୍ୟାଳୟମାନଙ୍କରେ ଏଭଳି ଦ୍ୱୈତ୍ୟ ବ୍ୟବସ୍ଥା ନ ରଖି ସ୍ୱୟଂ ସହାୟିକା ଗୋଷ୍ଠୀମାନଙ୍କୁ ଛାତ୍ରାବାସର ସମ୍ପୂର୍ଣ୍ଣ ଦାୟିତ୍ୱ ପ୍ରଦାନ କରାଯାଉ ବୋଲି ଉଭୟ ସଂଘ ପ୍ରମୁଖ ସଚିବ, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗଙ୍କ ଉଦ୍ଦେଶ୍ୟରେ ଏକ ଲିଖିତ ପତ୍ର ପ୍ରଦାନ କରାଯାଇଛି।

# ୩୭୯୯ ହିତାଧିକାରୀଙ୍କୁ ୭୧.୬ କୋଟି ଋଣ ମଞ୍ଜୁର



ଋଣ ସଂଯୋଗୀକରଣ କାର୍ଯ୍ୟକ୍ରମ।

## ଋଣ ସଂଯୋଗୀକରଣ କାର୍ଯ୍ୟକ୍ରମ

ବାଲେଶ୍ୱର ଅଫିସ, ୯।୬

ବାଲେଶ୍ୱର ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଏକ ଋଣ ସଂଯୋଗୀକରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଜିଲାର ୩୭୯୯ ହିତାଧିକାରୀଙ୍କୁ ବିଭିନ୍ନ ବ୍ୟାଙ୍କ ତରଫରୁ ୭୧.୬କୋଟି ଟଙ୍କାର ଋଣ ମଞ୍ଜୁର କରାଯାଇଛି। ଶିବିରକୁ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଉଦ୍‌ଘାଟନ କରି ସମ୍ପ୍ରତି ବ୍ୟାଙ୍କ ପରି ସେବାର ଉଲ୍ଲେଖନୀୟ ଅଗ୍ରଗତି ହୋଇଥିବା ମତବ୍ୟକ୍ତ କରିଥିଲେ। ବ୍ୟାଙ୍କରେ ଋଣ ଆବେଦନ ପ୍ରକ୍ରିୟାକୁ ସହଜ ଏବଂ ସୁଗମ କରିବା ସହିତ ଋଣ ଅନୁମୋଦନ ସମୟ ସୀମା ମଧ୍ୟରେ କରିବା ପାଇଁ ନିବେଦନ କରିଥିଲେ। ଜିଲାର ଜନସାଧାରଣଙ୍କ ଆବଶ୍ୟକତା ଅନୁଯାୟୀ ମୁଖ୍ୟତଃ କୃଷି ଋଣ, ଶିଳ୍ପ ଋଣ ଓ ଶିକ୍ଷା ଋଣ ପ୍ରଦାନ ଲାଗି ବ୍ୟାଙ୍କମାନେ ଆଗେଇ ଆସିବାକୁ ଆହ୍ୱାନ ଦେଇଥିଲେ। ଅନ୍ୟ ଅତିଥିଙ୍କ ମଧ୍ୟରେ ନାବାର୍ଡ଼ ଜିଲା ଉନ୍ନୟନ ଅଧିକାରୀ ତାପସ ପ୍ରଧାନ, ୟୁକୋ ବ୍ୟାଙ୍କ କ୍ଷେତ୍ରୀୟ ଉପପ୍ରବନ୍ଧକ ନିଶିକାନ୍ତ ସିଂ, ୟୁନିଅନ ବ୍ୟାଙ୍କ କ୍ଷେତ୍ରୀୟ ଉପ ପ୍ରବନ୍ଧକ ଗଜେନ୍ଦ୍ର ଦାସ, ଜିଲା ଅଗ୍ରଣୀ ବ୍ୟାଙ୍କ ପ୍ରବନ୍ଧକ ବିଶ୍ୱଜିତ ଶତପଥି ପ୍ରମୁଖ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ବିଭିନ୍ନ ସରକାରୀ ଯୋଜନା ଯଥା ପିଏମ୍‌ଇଜିପି, ମୁଦ୍ରା ଋଣ, ପିଏମ୍ ଷ୍ଟ୍ରିଟ୍ ଭେଣ୍ଡର, ପିଏମ୍ ଖାଦ୍ୟ ପ୍ରକ୍ରିୟାକରଣ, ପିଏମ୍ କିଷାନ, ପିଏମ୍ ଫସଲ ବୀମା, ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା, କୃଷକ ଉତ୍ପାଦକ ଗୋଷ୍ଠୀ ଯୋଜନାରେ ମିଳୁଥିବା ଋଣ ଓ ସବ୍‌ସିଡି ଉପରେ ଅତିଥିମାନେ ଆଲୋକପାତ କରିଥିଲେ। ଏହି ଯୋଜନାରେ ଆବେଦନପତ୍ରକୁ ପ୍ରାଥମିକତା ଭିତ୍ତିରେ ଋଣ ପ୍ରଦାନ କରିବା ନିମନ୍ତେ ସୁବ୍ୟବସ୍ଥା କରାଯାଇଥିଲା। ଶିବିରରେ ବିଭିନ୍ନ ସାମାଜିକ ସୁରକ୍ଷା ସ୍କିମ ଯଥା ପିଏମ୍ ସୁରକ୍ଷା ବୀମା ଯୋଜନା, ପିଏମ୍ ଜୀବନଜ୍ୟୋତି ଯୋଜନା, ଅଟଳ ପେନସନ ଯୋଜନାରେ ଗ୍ରାହକଙ୍କୁ ଅନୁବନ୍ଧିତ କରିବା, ଡିଜିଟାଲ ନେଣଦେଣକୁ ପ୍ରୋତ୍ସାହନ ଦେବା ଏବଂ ନିରାପତ୍ତା ସତର୍କତା ଅବଲମ୍ବନ କରିବା, ଆର୍ଥିକ ଅନୁଶାସନ ପାଳନ କରିବା ସମ୍ପର୍କରେ ଗ୍ରାହକଙ୍କୁ ଅବଗତ କରାଯାଇଥିଲା। ଜିଲା ଅଗ୍ରଣୀ ବ୍ୟାଙ୍କ ପ୍ରବନ୍ଧକ ବିଶ୍ୱଜିତ ଶତପଥୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ଗାଳ୍ପିକା ଝରଣା ପଟ୍ଟନାୟକ ସମ୍ବର୍ଦ୍ଧିତ

ଭଦ୍ରକ ଅଫିସ,୯।୬

ସାମ୍ପ୍ରତିକ ଗଳ୍ପ, ଉପନ୍ୟାସ ରଚନାରେ ସୁଖ୍ୟାତି ଅର୍ଜନ କରିଥିବା ପ୍ରଫେସର ଝରଣା ପଟ୍ଟନାୟକଙ୍କୁ 'ଆକଳନ' ସାହିତ୍ୟ ସମାଲୋଚନା ପତ୍ରିକା ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ପ୍ରଫେସର ଡ. ଶଶଧର ଦାସଙ୍କ ସମ୍ପାଦନାରେ ଗତ ୪ବର୍ଷ ଧରି ଭଦ୍ରକରୁ ପ୍ରକାଶ ପାଇଆସୁଥିବା ଏହି ପତ୍ରିକା ପକ୍ଷରୁ ନିରୁତା ସାହିତ୍ୟ ସାଧକ ଏକନିଷ୍ଠ ସାରସ୍ୱତ ତପସ୍ୱୀମାନଙ୍କୁ ସ୍ରଷ୍ଟାପୂଜନ କାର୍ଯ୍ୟକ୍ରମ ଜରିଆରେ ସମ୍ବର୍ଦ୍ଧନା ପ୍ରଦାନ କରାଯାଉଛି। ଏହି ପରିପ୍ରେକ୍ଷୀରେ ପ୍ରଫେସର ପଟ୍ଟନାୟକଙ୍କୁ ଗୁରୁବାର ଭଦ୍ରକ କୁଆଁସସ୍ଥିତ ତାଙ୍କ ବାସଭବନରେ ସମ୍ବର୍ଦ୍ଧିତ କରାଯାଇ ସ୍ରଷ୍ଟାପୂଜନ କାର୍ଯ୍ୟକ୍ରମ କରାଯାଇଛି। ପ୍ରଫେସର ରାଧାରାଣୀ ମହାପାତ୍ର, ପ୍ରଫେସର କାନନ ମହାନ୍ତି, କବି ଶରତ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଫେସର ପଟ୍ଟନାୟକ ଅଦ୍ୟାବଧି ୧୧ଟି ଗଳ୍ପ ଓ ଉପନ୍ୟାସ ରଚନା କରିଛନ୍ତି।

# ବାହାର ପିଲାଙ୍କୁ ନିଯୁକ୍ତି ନେଇ ଦାବିପତ୍ର

କେନ୍ଦୁଝର, ୯।୬(ସ୍ୱ.ପ୍ର.)

କେନ୍ଦୁଝର ଜିଲା ମୁଖ୍ୟ ଡାକ୍ତରଖାନା ଓ ମେଡିକାଲ କଲେଜରେ ଠିକା ସଂସ୍ଥା ଜରିଆରେ ବାହାର ଜିଲାର ପିଲାଙ୍କୁ ବିଭିନ୍ନ ପଦବୀରେ ନିଯୁକ୍ତି ପ୍ରତିବାଦରେ ଗୁରୁବାର ସ୍ଥାନୀୟ ବେକାର ଶିକ୍ଷିତ ଯୁବତୀ/ଯୁବକ ମାନେ ଜିଲାପାଳଙ୍କୁ ଲିଖିତ ଦାବିପତ୍ର ଦେଇଛନ୍ତି। କର୍ମ ନିୟୋଜନ ସଂସ୍ଥା ଜରିଆରେ କେନ୍ଦୁଝରର ଯୁବତୀ/ଯୁବକଙ୍କୁ ନିଯୁକ୍ତି ଦେବାକୁ ନିବେଦନ କରିଛନ୍ତି। ଜିଲାରେ କାମ ନ ପାଇ ବହୁ ପିଲା ବାହାରକୁ କାମ କରିବାକୁ ଯାଉଥିବା ବେଳେ ଅନେକ ବେକାର ହୋଇ ବସିରହିଛନ୍ତି। ଅନେକ ଆର୍ଥିକ ଅନାଟନ ମଧ୍ୟରେ ରହି ଦୁଶ୍ଚିନ୍ତାରେ ରହିଛନ୍ତି। ତେବେ ବ୍ୟାପକ ଅର୍ଥ କାରବାର କରି ବାହାର ଜିଲାର ପିଲାଙ୍କୁ ନିଯୁକ୍ତି ଦେବା ଫଳରେ ନିଜ ଜିଲାର ଯୁବତୀଯୁବକ ବଞ୍ଚିତ ରହୁଛନ୍ତି ବୋଲି ସେମାନେ କହିବା ସହ ଏହାର ପ୍ରତିକାର କରିବାକୁ ନିବେଦନ କରିଛନ୍ତି।


ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଯୁବତୀଯୁବକ।

# କାଳବୈଶାଖୀରେ ବ୍ୟାପକ କ୍ଷତି

ପାଟଣା, ୯।୬(ସ୍ୱ.ପ୍ର.)

କେନ୍ଦୁଝର ଜିଲା ସାହାରପଡ଼ା ବ୍ଲକ ଅଞ୍ଚଳରେ ମଙ୍ଗଳବାର ରାତିରେ କାଳବୈଶାଖୀ ପ୍ରଭାବରେ ବର୍ଷା ପବନ ଓ ଘଡ଼ଘଡ଼ି ଯୋଗୁ ବ୍ୟାପକ କ୍ଷୟକ୍ଷତି ଘଟିଛି। କାଳବୈଶାଖୀ ଯୋଗୁ ବହୁ ଲୋକଙ୍କ ଘର ଉପରେ ଗଛ ଏବଂ ଡ଼ାଳ ପଡ଼ି ବ୍ୟାପକ କ୍ଷୟକ୍ଷତି ଘଟିଛି। ବିଶେଷ କରି ଏହି ବ୍ଲକ ଉପାନ୍ତ ଅଞ୍ଚଳ ରାଇଡିହା ପଞ୍ଚାୟତର ଆଖପାଖ ଗାଁ ଗୁଡିକରେ ବ୍ୟାପକ କ୍ଷୟକ୍ଷତି ହୋଇଥିବା ଜଣାପଡ଼ିଛି। ରାଇଡିହା ଗ୍ରାମର ରାଜୁ ନାଏକ ଏବଂ କଟୁପ ଗ୍ରାମର ହରେକୃଷ୍ଣ ମହାନ୍ତ, କୃପାସିନ୍ଧୁ ମହାନ୍ତଙ୍କ ଘର ଉପରେ ଗଛ ଡାଳ ପଡ଼ି ଭାଙ୍ଗିଯିବାରୁ ବର୍ଷା ପାଣିରେ ଅମଳ କରିଥିବା ଧାନ ଓ ଚାଉଳ ସାଙ୍ଗକୁ ଆସବାବପତ୍ର ଓଦା ହୋଇ ନଷ୍ଟ ହୋଇଯାଇଛି। ଗାଁକୁ ଯାଇ ସ୍ଥାନୀୟ ସରପଞ୍ଚ ବିଜୁ ନାଏକ ଲୋକଙ୍କୁ ରାଶନ ସାମଗ୍ରୀ ଯୋଗାଇଛନ୍ତି। ଅନେକ ସ୍ଥାନରେ ରାସ୍ତା ଉପରେ ଗଛ ଏବଂ ଡାଳ ପଡିଥିବାରୁ ଯାତାୟାତ ବାଧାପ୍ରାପ୍ତ ଘଟିଛି। ଡାଳ ପଡି ବିଦ୍ୟୁତ ତାର ଛିଡ଼ିଥିବାବେଳେ ବିଦ୍ୟୁତ ସେବା ବ୍ୟାଘାତ ସୃଷ୍ଟି ହୋଇଛି। ଏଥିପ୍ରତି ସ୍ଥାନୀୟ ପ୍ରଶାସନ ଦୃଷ୍ଟି ଦେଇ କ୍ଷତିଗ୍ରସ୍ତ ଲୋକଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ସାଧାରଣରେ ଦାବି ହୋଉଛି ।

# ବିଦ୍ୟୁତ୍ ଆଘାତରେ କର୍ମଚାରୀ ମୃତ, ଉତ୍ତେଜନା

ଚାନ୍ଦବାଲି, ୯।୬ (ଡି.ଏନ.ଏ.)

ବିଦ୍ୟୁତ୍ ଖୁଣ୍ଟରେ ଚଢ଼ି କାମ କରୁଥିବା ବେଳେ ସଂସ୍ପର୍ଶରେ ଆସି ଜଣେ କର୍ମଚାରୀଙ୍କ ଜୀବନ ଯାଇଛି। ଏଭଳି ଦୁଃଖଦ ଘଟଣା ଘଟିଛି ଗୁରୁବାର ଭଦ୍ରକ ଜିଲା ଚାନ୍ଦବାଲି ସତ୍ୟନାରାୟଣ କଲୋନୀ ନିକଟରେ। ମୃତ କର୍ମଚାରୀ ହେଲେ କେନ୍ଦ୍ରାପଡ଼ା ଜିଲା କନିକା ବାଙ୍ଗରକୁଆଁ ଗାଁର ରାଜେଶ ନାୟକ।

ସୂଚନା ଅନୁଯାୟୀ, ରାଜେଶ ଟିପିଏନ୍‌ଓଡିଏଲ୍‌ର କର୍ମଚାରୀ ଥିଲେ। ଗୁରୁବାର ଦିନ ପ୍ରାୟ ଗୋଟାଏ ବେଳେ ସତ୍ୟନାରାୟଣ କଲୋନୀ ନିକଟ ଏକ ବିଦ୍ୟୁତ୍ ଖୁଣ୍ଟରେ ଚଢ଼ି ଏଥିରେ ଲାଗିଥିବା ଗଛ କାଟି ସଫା କରୁଥିଲେ। ଏହି ସମୟରେ ଗଛ ଡାଳ ମଧ୍ୟଦେଇ ଯାଇଥିବା ୧୧ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ସେ ତଳେ ପଡ଼ିଯାଇଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଚାନ୍ଦବାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ମୃତକଙ୍କ ନିକଟରେ ବିଦ୍ୟୁତ୍ ବିଭାଗର କେହି କର୍ମଚାରୀ ନ ଥିବାରୁ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଉତ୍ତେଜନା ଦେଖାଦେଇଥିଲା। ଲୋକଙ୍କ ଆକ୍ରୋଶକୁ ଦେଖି ବିଭାଗର କର୍ମଚାରୀମାନେ ଡାକ୍ତରଖାନାକୁ ଆସି ନ ଥିଲେ। ମୃତକଙ୍କ ପରିବାର ଓ ଚାନ୍ଦବାଲି ବିଦ୍ୟୁତ୍ ବିଭାଗ କର୍ମଚାରୀ ସଂଘ ପକ୍ଷରୁ ପୁରୁଣା ବସ୍‌ଷ୍ଟାଣ୍ଡ ଅଞ୍ଚଳରେ ଥିବା ବିଭାଗର ସେକ୍ସନ ଅଫିସ ସମ୍ମୁଖରେ ମୃତଦେହ ରଖି କ୍ଷତିପୂରଣ ଦାବି କରାଯାଇଥିଲା। ଫଳରେ ଚାନ୍ଦବାଲି-କଟକ ରାସ୍ତା ଅବରୋଧ ହୋଇଥିଲା। ତେବେ ବିଭାଗ ପକ୍ଷରୁ ପୋଲିସ ମାଧ୍ୟମରେ କ୍ଷତିପୂରଣ ନେଇ ଆଲୋଚନା କରାଯାଇଥିଲେ ମଧ୍ୟ ପରିବାର ଲୋକେ ଏଥିରେ ରାଜି ହୋଇନାହାନ୍ତି। ଏନେଇ ମୃତକଙ୍କ ପରିବାର ଲୋକେ ଚାନ୍ଦବାଲି ଥାନାରେ ଏତଲା ଦେଇଛନ୍ତି। ଖବର ଲେଖା ହେବା ବେଳକୁ ରାସ୍ତା ଅବରୋଧ ଜାରି ରହିଥିଲା।

# ମାସକରେ ଦନ୍ତା ନେଲାଣି ୨ ଜୀବନ

## ପୁଣି ଜଣେ ବୃଦ୍ଧାଙ୍କୁ କଚାଡ଼ି ମାରିଲା

ବାରିପଦା ଅଫିସ,୯।୬

ମୟୂରଭଞ୍ଜ ଜିଲା ବେତନଟୀ ରେଞ୍ଜ ବଡ଼ାମପୁର ସେକ୍ସନ ରାଇପାଳ ଗ୍ରାମର ଜନୈକା ବୃଦ୍ଧା ଦନ୍ତା ଆକ୍ରମଣରେ ପ୍ରାଣ ହରାଇଛନ୍ତି। ଗୁରୁବାର ହାତୀଟି ତାଙ୍କୁ କଚାଡ଼ି ମାରି ଦେଇଛି। ମୃତକ ହେଲେ ରାସଗୋବିନ୍ଦପୁର ଥାନା ରାଇପାଳ ଗ୍ରାମର ମାୟା ମୁର୍ମୁ(୭୦)। ବନବିଭାଗ ଶବ ଜବତ ଶବ ବ୍ୟବଚ୍ଛେଦ ନିମନ୍ତେ ବାରିପଦା ଡାକ୍ତରଖାନାକୁ ପଠାଇଛି। ୩ ଦିନ ତଳେ ହାତୀ ଆକ୍ରମଣରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବା ବେଳେ ଚଳିତ ମାସରେ ଦୁଇଜଣଙ୍କ ମୃତ୍ୟୁ ହେଲାଣି। ବନବିଭାଗ କର୍ମଚାରୀଙ୍କ ଅବହେଳା ଯୋଗୁ ନିରୀହ ଜୀବନ ବଳି ପଡୁଥିବା ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଶିମିଳିପାଳ ଓ ଝାଡଖଣ୍ଡୀ ହାତୀ ଖାଦ୍ୟ ଅନ୍ୱେଷଣରେ ଆସି ବର୍ଷ ତମାମ ଜିଲାର ରାସଗୋବିନ୍ଦପୁର, ମୋରଡ଼ା, ବେତନଟୀ ଓ ଗୋପବନ୍ଧୁନଗର ବ୍ଲକ ଅଞ୍ଚଳରେ ପ୍ରବେଶ କରି ଦୀର୍ଘ ଦିନ ପର୍ଯ୍ୟନ୍ତ ଅଟକି ରହିଆନ୍ତି । ହାତୀ ପଲଙ୍କ ଗତିବିଧି ଉପରେ ବନବିଭାଗ ପକ୍ଷରୁ ସ୍ୱତନ୍ତ୍ର ଦୃଷ୍ଟି ଦିଆଯାଉ ନ ଥିବା ବେଳେ ଗୋଠଛଡ଼ା ଦନ୍ତା ହାଟବଜାରରେ ବୁଲୁଛନ୍ତି। ଫଳରେ ଅଞ୍ଚଳବାସୀ ଆତଙ୍କିତ ଅବସ୍ଥାରେ ରହୁଥିବା ବେଳେ ରାତି ତମାମ ଅନିଦ୍ରା ରହିବାକୁ ପଡୁଛି ବୋଲି ମୋରଡା ଅଞ୍ଚଳର ମନୋଜ ମହାନ୍ତ, ଶିବପ୍ରସାଦ ନାଏକ ଓ ରଇବାରୀ ସିଂ ପ୍ରକାଶ କରିଛନ୍ତି। ସଞ୍ଜ ନଇଁଲେ ଲୋକମାନେ ତାଟିକେବାଟ ବନ୍ଦ କରି ଭୟଭୀତ ଅବସ୍ଥାରେ ରାତି ବିତାଉଛନ୍ତି। ହାତୀର ଚଲାପଥକୁ ନେଇ ବନ କର୍ମଚାରୀମାନେ କୌଣସି ସୂଚନା ପ୍ରଦାନ କରୁ ନ ଥିବାରୁ ବାଟୋଇମାନେ ହାତୀ ହାବୁଡରେ ପଡ଼ି ମୃତ୍ୟୁବରଣ କରୁଛନ୍ତି। ଏପରିକି ବିଲରେ ଧାନ ଚାଷ ହୋଇ ନ ଥିବାରୁ ଗାଁ ଗଣ୍ଡାରେ ଥିବା ଲୋକଙ୍କ ଘରବାଡ଼ିରେ ହାତୀ ପଶି ପନିପରିବା ଫସଲଖାଇବା ସହ ମାଡ଼ଚକଟି ବ୍ୟାପକ ଭାବେ ନଷ୍ଟ କରୁଛନ୍ତି। ତେବେ ହାତୀ ଘଉଡ଼ାଇବା ପାଇଁ ନିୟମ ନ ଥିବା ବେଳେ ସେମାନଙ୍କୁ ଜଙ୍ଗଲ ମୁହାଁ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି ।

## ଭୟରେ ଘର ଛାଡ଼ିଲେ ଲୋକେ


ହାତୀପଲ ଭାଙ୍ଗି ଦେଇଥିବା ଘର।

ମୋରଡା,୯।୬(ଡି.ଏନ.ଏ)

ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ ତଥା ରାସଗୋବିନ୍ଦପୁର ରେଞ୍ଜ ଅଧୀନ ବରକନ୍ଦ ପଞ୍ଚାୟତର ଟିଆଁସୀ ଗ୍ରାମରେ ବୁଧବାର ବିଳମ୍ବିତ ରାତିରେ ହାତୀପଲ ପ୍ରବେଶ କରି ଏକାଧିକ ଲୋକଙ୍କ ଘର ଭାଙ୍ଗିଥିବା ସୂଚନା ମିଳିଛି। ହାତୀ ଭୟରେ ଲୋକେ ଘର ଛାଡ଼ି ବାହାରେ ରହୁଛନ୍ତି। ଟିଆଁସୀ ଗ୍ରାମର ଗୌର ନାଏକ, କ୍ରିଷ୍ଣା ନାଏକ, ସାହିତ ନାଏକ, ବୁଟୁ ନାଏକ, ସୁକ ନାଏକଙ୍କ ଘର ହାତୀପଲ ଭାଙ୍ଗିଦେବା ସହ ଧାନ, ଚାଉଳ ଖାଇ ନଷ୍ଟ କରିଛନ୍ତି। ବନ ବିଭାଗ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହେଉଛି।

# ଗାଁରେ ପଶିଲା ହାତୀ

## ଧାନ ଖାଇ ଦୋକାନ ଭାଙ୍ଗିଲା

ରୂପସା, ୯।୬(ଡି.ଏନ.ଏ.)

ବାଲେଶ୍ୱର ଜିଲା ରୂପସା ଥାନା ଅଧୀନ ନୀଳବାଡ଼ି ଗାଁକୁ ଗୁରୁବାର ସକାଳେ ଏକ ଦନ୍ତା ହାତୀ ପଶିଆସିଛି। ରାମେଶ୍ୱର ଦାସଙ୍କ ଘରେ ପଶି ଧାନ ଖାଇ ଗାଁ ରାସ୍ତା ଅତିକ୍ରମ କରି ବାରାପାଳ ଗାଁକୁ ପଶିଥିଲା। ସେଠାରେ ରାମଚନ୍ଦ୍ର ବେହେରାଙ୍କ ପାନ ଦୋକାନ କେବିନ ଭଙ୍ଗାରୁଜା କରିଥିଲା। ଗାଁ ଲୋକେ ହାତୀକୁ ଘଉଡ଼ାଇବାରୁ ଗଡ଼ପଦା ଛକ ଦେଇ ରୂପସା ମୁଖ୍ୟ ରାସ୍ତାରେ ଯାଇଥିଲା। ହୀରାପୁର, ରୂପସା ସାମିଲ ହସନପୁର ହୋଇ ଝୋଟକଳ ରାସ୍ତା ପାରି ହୋଇ ମୟୂରଭଞ୍ଜର ବାମଡ଼ା ଗାଁରେ ପହଞ୍ଚିଥିଲା। ଫରେଷ୍ଟ ରେଞ୍ଜ ଅଫିସର ଗଣେଶ ପ୍ରସାଦ ଲେଙ୍କା, ଫରେଷ୍ଟର ଇତିଶ୍ରୀ ମହାପାତ୍ର ଓ ଉମାକାନ୍ତ ଦାସଙ୍କ ସମେତ ଏକ ଟିମ୍ ପହଞ୍ଚି ହାତୀକୁ ମୟୂରଭଞ୍ଜ ଜଙ୍ଗଲ ପଟକୁ ନେଇ ଛାଡ଼ିଥିଲେ। ବିଦ୍ୟୁତ୍ ବିଭାଗ ପକ୍ଷରୁ ୩ଘଣ୍ଟା ବିଦ୍ୟୁତ୍ ସରବରାହ ବନ୍ଦ ରଖାଯାଇଥିଲା। ହାତୀ ଗଡ଼ପଦା, ରାଉତପଡ଼ା, ରୂପସା ସାମିଲ ହସନପୁର ଓ ଆମ୍ବଗଡ଼ିଆ ପଞ୍ଚାୟତ ଅତିକ୍ରମ କରିଥିବା ଦେଖି ସ୍ଥାନୀୟ ଅଞ୍ଚଳରେ ଆତଙ୍କ ଖେଳିଯାଇଥିଲା। ବୁଧବାର ରାତିରେ ଉକ୍ତ ହାତୀକୁ ବସ୍ତା ପଟୁ ସ୍ଥାନୀୟ ଲୋକେ ଓ ବନବିଭାଗ ପକ୍ଷରୁ ଘଉଡ଼ାଇ ଆଣି ଜଳକା ନଦୀ ପାରି କରି ଗଡ଼ପଦା ଆଡ଼କୁ ଛଡ଼ାଯାଇଥିଲା। ଏହି ହାତୀ ଏକ ପୋଷା ହାତୀ ବୋଲି ବନବିଭାଗ ପକ୍ଷରୁ କୁହାଯାଇଛି।


ରୂପସା ମୁଖ୍ୟ ରାସ୍ତାରେ ଯାଉଥିବା ଦନ୍ତା ହାତୀ।

# ରାଷ୍ଟ୍ରସେବିକା ସମିତିର ଜନସଚେତନତା

ଚମ୍ପୁଆ, ୯।୬(ଡି.ଏନ.ଏ.)

ରାଷ୍ଟ୍ର ସେବିକାସମିତି କେନ୍ଦୁଝର ଓ ମୟୂରଭଞ୍ଜ ଜିଲା ପକ୍ଷରୁ ଗୁରୁବାର ଅପରାହ୍ନରେ ଏକ ଜନ ସଚେତନତା ରାଲି ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରଠାରେ ୨୮୨ ଜଣ ସେବିକାଙ୍କୁ ନେଇ ପ୍ରାରମ୍ଭିକ ବର୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ମହିଳାମାନଙ୍କର ବୌଦ୍ଧିକ, ମାନସିକ ଓ ଶାରୀରିକ ଅଭିବୃଦ୍ଧି ନେଇ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିବା ବେଳେ ରାଷ୍ଟ୍ରୀୟ ବିଚାର ଧାରା ସହ ସ୍ୱାଭିମାନ, ଜାଗୃତି ଓ ଆତ୍ମସୁରକ୍ଷା ଲକ୍ଷ୍ୟରେ ଏହା ଅନୁଷ୍ଠିତ ହେଉଥିବା ଜଣାଯାଇଛି। ଗୁରୁବାର ଅପରାହ୍ନରେ ବର୍ଗାଧିକାରୀ ପାର୍ବତୀ ସାହୁ ଓ ବର୍ଗ କାର୍ଯ୍ୟବାହିକା ମଧୁସ୍ମିତା ମହାନ୍ତଙ୍କ ନେତୃତ୍ୱରେ ଉକ୍ତ ସେବିକାଙ୍କୁ ନେଇ ଏହି ଜନ ସଚେତନତା ରାଲିରେ ଯୋଗ ଦେଇ ଚମ୍ପୁଆ ସହର ପରିକ୍ରମା କରିଥିଲେ।

